# Akashvani, Sambalpur

## SAMBALPURI NEWS EVENING BULLETIN

## 28 November 2024- 7.02 pm- 7.12 pm.

**********************************************

୧- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ନୁ ମୁଲ୍ ହେବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଳନୀ ।

- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ପୁହୁଁଚିବେ ।

୨- ସୁନ୍ଦର୍‌ଗଡ୍‌ବାସୀଙ୍କର୍ ଇଚ୍ଛା ବିରୋଧ୍ ନ ସର୍‌କାର୍ ନାଇଁନିଅନ୍ କେନ୍‌ସି ପଦକ୍ଷେପ୍- କହେଲେ ମୁଖ୍ୟମନ୍ତ୍ରୀ ।

୩- ନୀତି ଆୟୋଗ୍ ଢାଂଚାଥି ରାଜ୍ୟ ଯୋଜନା ବୋର୍ଡ଼ର ହେବା ପୁର୍ନଗଠନ୍ ।

ଆଉର୍

୪- ଶୀତକାଲୀନ୍ ଅଧିବେଶନ୍‌ର ୩ ନମ୍ବର୍ ଦିନେ ସୁରୁଖୁରୁ ନ ଚାଲିଛେ ବିଧାନ୍‌ସଭା ।

ଡିଜିପି ସମ୍ମିଳନୀ          ଆର୍‌ଏନ୍‌ୟୁ / କଟକ୍

ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ମୁଲ୍ ହେବା । ଆଏବା ଡିସେମ୍ବର୍ ମାସର୍ ୧ ତାରିକ୍‌ତକ୍ ଇ ସମ୍ମିଳନୀ ଚାଲ୍‌ବା । ପହେଲାଥର୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଯାଉଥିବା ଇ ସମ୍ମିଳନୀଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଲୋକସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ଇ ସମ୍ମିଳନୀ ହେବାର୍‌କେ ଯାଉଥିବାର୍ ବେଲେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ       ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୩ ଦିନିଆ ଓଡ଼ିଶା ଗସ୍ତ ନ ଆସୁଛନ୍ । ପ୍ରଧାନ୍‌ମନ୍ତ୍ରୀ ଉପର୍‌ବେଲା ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଲା ଉତ୍‌ରୁ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ

ରାଜ୍‌ଭବନ୍‌ତକ୍ ରୋଡ୍ ସୋ କର୍‌ବେ । ହେତାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ବୈଠକ୍ କର୍‌ବେ । ୩୦ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ଆଉ ରଏବାର୍ ଦିନ ସେ ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତର୍ ଲାଗି ଭୁବ୍‌ନେଶ୍ୱର୍ ନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛେ । ସହରର୍ ୬ ଟା ଇଲାକାକେ ନୋ ଫ୍ଲାଇଙ୍ଗ୍ ଜୋନ୍ କରାଯିବାର୍ ସହେତେ ଡ୍ରୋନ୍ ଉଡ଼ାନ୍ ଉପ୍‌ରେ କଟ୍‌କନା ଲଗାଯାଇଛେ ।

ମୁଖ୍ୟମନ୍ତ୍ରୀ-ସୁନ୍ଦର୍‌ଗଡ୍ ହିନ୍ଦୁସ୍ଥାନ୍ ସମାଚାର୍

ସୁନ୍ଦର୍‌ଗଡ୍‌ବାସୀଙ୍କର୍ ଇଚ୍ଛା ବିରୋଧ୍ ନ ସର୍‌କାର୍ କେନ୍‌ସି ପଦକ୍ଷେପ୍ ନାଇଁ ନିଅନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସୁନ୍ଦର୍‌ଗଡ୍‌କେ ଉତର୍ ଓଡ଼ିଶା ବିକାଶ ପରିଷଦ୍ ନ ମିଶା ଯିବାର୍ ବାବ୍‌ଦେ ସାମାଜିକ ଗଣମାଧ୍ୟମ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସୁନ୍ଦର୍‌ଗଡ୍‌ବାସୀ ଲମ୍ବା ସମିଆ ହେଲାନ ଆମ୍‌କୁ ଆଶିର୍ବାଦ୍ କରି ଆସୁଛନ୍ । ଆମେ ସୁନ୍ଦର୍‌ଗଡ୍‌ବାସୀଙ୍କର୍ ଭାବନାକେ ସମ୍ମାନ୍ ଦେଉଛୁ । ହେଥିର୍‌ଲାଗି ସୁନ୍ଦର୍‌ଗଡ୍‌ବାସୀଙ୍କର୍ ଇଚ୍ଛା ବିରୋଧ୍ ନ

ସର୍କାର୍ କେନ୍‌ସି ପଦକ୍ଷେପ୍ ନାଇଁ ନିଅନ୍ ଆର୍ ସୁନ୍ଦରଗଡ଼୍ ଜିଲ୍ଲାର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ସେ କହିଛନ୍ ।

ମୁଖ୍ୟମନ୍ତ୍ରୀ- ରାଜ୍ୟ ଯୋଜ୍‌ନା ବୋର୍ଡ଼୍ ହିନ୍ଦୁସ୍ଥାନ୍ ସମାଚାର୍

ନୀତି ଆୟୋଗ୍ ଢାଂଚାଥି ରାଜ୍ୟ ଯୋଜ୍‌ନା ବୋର୍ଡ଼ର ପୁନର୍ଗଠନ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ପ୍ରଶ୍ନର୍ ଉତର୍ ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍ ନୀତି ଆୟୋଗ୍ ଢାଂଚାଥି ରାଜ୍ୟ ଯୋଜନା ବୋର୍ଡ଼ର ପୁନର୍ଗଠନ୍ ଲାଗି ସର୍କାର୍ ବିଶେଷଜ୍ଞମାନ୍‌କର୍ ସାଙ୍ଗେ ଆଲୋଚନା କରୁଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ଆଘର୍ ସର୍କାର୍‌ଙ୍କର୍ ଅମଲ୍‌ଥି ଗଲା ୨୪ ବଛ୍‌ରେ ଯୋଜନା ବୋର୍ଡ଼ର ବୈଠକ୍ ମାତରକ ୨ ଥର୍ ବସିଥିଲା ।

ମୁଖ୍ୟମନ୍ତ୍ରୀ-ମହାନଦୀ ଅବବାହିକା ଆର୍‌ଏନ୍‌ୟୁ/ କଟକ୍

ମହାନଦୀ ଅବବାହିକା ନ ନୂଆଁ ଜଲ୍‌ଭଣ୍ଡାର୍ ପ୍ରକଳ୍ପ ଆର୍ ବେରେଜ୍ ତିଆର୍‌ବାର୍‌କେ ସର୍କାର୍ ଭିନ୍ ଭିନ୍ କେନ୍ଦ୍ରୀୟ

ସଂସ୍ଥା ଆର୍ ଜଳ ଆୟୋଗଙ୍କର୍ ସଙ୍ଗେ ବିଚାର୍ ବିମର୍ଷ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ପ୍ରକଳ୍ପ ମାନ୍‌କର୍ ଲାଗି କେତେଟା କେନ୍ଦ୍ରୀୟ ସଂସ୍ଥାନ୍ ଆର୍ ଜଳ ଆୟୋଗଙ୍କର୍ ସାଙ୍ଗେ ବୈଷୟିକ ଅନୁମୋଦନ୍ ବାବଦ୍ ଆଲୋଚନା ଚାଲିଛେ । ପ୍ରକଳ୍ପ ଲାଗି ମୁଖ୍ୟଯନ୍ତ୍ରୀମାନ୍‌କୁ ନକ୍ସା ଦିଆଯାଇଛେ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ହିନ୍ଦୁସ୍ଥାନ୍ ସମାଚାର୍

ଆଏବା ୧୫ ଦିନ୍ ଭିତ୍‌ରେ ରାଏଜେ ଜାରି ରହିଥିବା ସୁଭଦ୍ରା ଯୋଜ୍‌ନାର୍ ଯାଂଚ୍ ଶେଷ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଇଥି ଖାରଜ୍ ତାଲିକାର୍ ଯାଂଚ୍ କରାଯିବା । ଯେନ୍ ଜିଲ୍ଲା ନ କମ୍ ପଞ୍ଜିକରଣ୍ ହେଇଛେ ଆର୍ ଅଏତ୍‌କା ଖାରଜ୍ ହେଇଛେ ସେତାର୍ ଉପ୍‌ରେ ଜହ ଧ୍ୟାନ୍ ଦିଆଯାଉଛେ । ସବୁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଏବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଉତ୍ସାହ- କ୍ରୀଡ଼ା ପ୍ରତିଯୋଗିତା ଆର୍‌ଏନ୍‌ୟୁ / କଟକ୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆଉ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ଶିଶୁଯତ୍ନ ଅନୁଷ୍ଠାନ୍ - ସିସିଆଇ ମାନ୍‌କର୍ ଛୁଆକୁ ନେଇକରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ 'ଉତ୍ସାହ' କ୍ରୀଡ଼ା ପ୍ରତିଯୋଗିତା ଆଏଜ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉତ୍ସବ୍‌ର ଉଦ୍‌ଘାଟନ୍ କରିକରି ସର୍‌କାର୍ ଯୁଆନ୍ ମାନ୍‌କର୍ ପ୍ରତିଭାର୍ ବିକାଶ୍ ଲାଗି ଉତ୍ସାହ ବାଗିର୍ କାର୍ଯ୍ୟକ୍ରମ୍ ମାନ୍ ହାତ୍‌କେ ନେଇଛନ୍ ବଲି କହିଛନ୍ ।

ବିମାନ୍ ସେବା       ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ଏତ୍‌କର ଲକ୍ଷ୍ନୌ, ଜୟପୁର୍, କୋଚି, ଇନ୍ଦୋର୍ ଆର୍ ଡେରାଡୁନ୍ ସହର୍‌କେ ବିମାନ୍ ସେବା ମୁଲ୍ ହେବା । ସୂଚ୍‌ନା ଅନ୍‌ସାରେ ଭୁବ୍‌ନେଶ୍ୱର୍ ନୁ ଆଏବା ବଛର୍ ଜାନୁଆରୀ ୧ ତାରିଖ୍‌ନୁ ଇନ୍ଦୋର୍ ଆର୍ ଡେରାଡୁନ୍, ୩ ତାରିଖ୍‌ନୁ ଲକ୍ଷ୍ନୌ, ଜୟପୁର୍ ଆର୍ କୋଚିକେ ବିମାନ୍ ଉଡ଼୍‌ବା ।

ବିଧାନ୍‌ସଭା ଅଧିବେଶନ୍       ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ଶୀତକାଳୀନ୍ ଅଧିବେଶନ୍‌ର ୩ ନମ୍ବର୍ ଦିନେ ଭିଲ୍ ଆଏଜ୍ ଗୃହ କାମ୍ ସୁରୁଖୁରୁ ନ ହେଇଛେ । ପ୍ରଶ୍ନକାଳ ନ ଆସିଥିବା ୩୦ ଟା ମୌଖିକ୍ ପ୍ରଶ୍ନ ଭିତ୍‌ରୁ ୨ ଟା ପ୍ରଶ୍ନ ଉପ୍‌ରେ ଗୃହ ନ ଆଲୋଚନା ହେଇଥିଲା । ରାଏଜେ ମହିଳା ବିରୋଧୀ ଅପରାଧ୍‌ର ତ୍ୱରିତ୍ ବିଚାର୍ ଲାଗି ସର୍‌କାର୍ ୪ ଟା ଫାଷ୍ଟଟ୍ରାକ୍ କୋର୍ଟ ଥାପ୍‌ନା କର୍‌ବାର୍ ପଦକ୍ଷେପ୍ ନଉଛନ୍ ବଲି ଆଲୋଚନାଥି ଭାଗ୍ ନେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଥିଲେ । ରାଏଜେ ଡ୍ରେନେଜ୍ ବ୍ୟବସ୍ଥା ଆଉ ଜଳ ନିଷ୍କାସନ୍‌କେ ସୁବ୍ୟବସ୍ଥିତ୍ କର୍‌ବାର୍‌କେ ଚଲ୍‌ତି ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୩ ଶହ ୩୦ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ବଲି ପ୍ରଶ୍ନକାଳ ନ ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ କହିଥିଲେ ।

ରାଏଜେ ବେଆଇନ୍ ଖଣି କାର୍‌ବାର୍ ରୁକ୍‌ବାର୍‌କେ ତହସିଲ୍‌ସ୍ତର ନ ଟାସ୍କଫୋର୍ସ ବନାବାର୍ ଲାଗି ସର୍‌କାର୍‌ଙ୍କର୍ ପ୍ରସ୍ତାବ୍ ରହିଛେ ଆଉ ବେଆଇନ୍ ଖଣି ଉତୋଲନ୍ ରୁକ୍‌ବାର୍‌କେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ନିୟୋଜନ୍ ଲାଗି ସର୍‌କାର୍ ବିଚାର୍ କରୁଛନ୍ ବଲି ବିଧାନ୍‌ସଭା ନ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ରାଏଜେ ଖଣି କ୍ଷେତ୍ର ନ ଗ୍ରେଡ଼୍ ପରିଚାଲନା ହେଉଥିବା ଦୁର୍ନୀତି ଆଉ ରାଜସ୍ୱ କ୍ଷତି କମ୍ କରାଯାଇପାରିଛେ ବଲି ସେ କହିଛନ୍ ।

ରାଏଜେ ଖାଉଟି ମାନ୍‌କୁ ଦର୍‌କାର୍ ଅନ୍‌ସାରେ ଆଲୁ ଆର୍ ପିଆଜ୍ ଯୁଗାବାର୍‌କେ ୭ ଟା ରାଜ୍ୟନୁ ଆଲୁ, ପିଆଜ୍ ଆମ୍‌ଦାନୀ କରାଯାଉଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନ୍‌ସଭା ନ କହିଛନ୍ । ସେ କହିଛନ୍ ଯେ, ରାଜ୍ୟର୍ ଲୋକ୍‌ମାନ୍‌କର୍ ଚାହିଦା ଅନ୍‌ସାରେ ଉତ୍ପାଦନ୍ କମ୍ ଥିବାର୍‌ନୁ ଅଲ୍‌ଗା ରାଜ୍ୟନୁ ଆଲୁ, ପିଆଜ୍ ଅନାଯାଉଛେ । ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ୍ ଅନ୍‌ସାରେ ଇ ବଛର୍ ଶହେ ୩୩ ଝନ୍ ବ୍ୟବସାୟୀଙ୍କର୍ ବିରୋଧ୍ ନ ମାମ୍‌ଲା ହେଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ ।

ବିଧାନ୍‌ସଭା-ଗୃହକାର୍ଯ୍ୟ ବନ୍ଦ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ନୁ ଆଏବା ମାସର୍ ୧ ତାରିଖ୍‌ତକ୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଲନୀ ହେବାର୍‌କେ ଯାଉଥିବାର୍‌ନୁ ଆଏବା କାଏଲ୍ ଆର୍ ପର୍‌ଦିନ ବିଧାନ୍‌ସଭାର୍ ଗୃହକାର୍ଯ୍ୟ ବନ୍ଦ୍ ରହେବା । ଗୃହ କାର୍ଯ୍ୟ ପରାମର୍ଶଦାତା କମିଟିର୍ ବୈଠକ୍ ଅନ୍‌ସାରେ ଇ ନିଷ୍ପତି ନିଆଯାଇଛେ ବଲି ବାଚସ୍ପତି ସୁରମା ପାଢ଼ୀ ଗଲାକାଏଲ୍ ଗୃହ ନ ଘୋଷ୍‌ନା କରିଛନ୍ । ସୂଚ୍‌ନା ଅନ୍‌ସାରେ ଡିସେମ୍ବର୍ ୨ ତାରିଖ୍‌ନୁ ବିଧାନ୍‌ସଭାର୍ ଗୃହ କାମ୍ ସ୍ୱାଭାବିକ୍ ଭାବେ ଚାଲ୍‌ବା ।

ଆବାସ ପ୍ଲସ୍ ପୋର୍ଟାଲ୍   ଆର୍ଏନ୍ୟୁ / କଟକ୍

ରାଏଜେ ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା- ଅଧୀନ୍ଥି ଗ୍ରାମୀଣ ଘର୍ ଆବଂଟନ୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍ଫୁ ନୂଆଁ ଗାଇଡ୍ ଲାଇନ୍ ଜାରି କରାଯାଇଛେ । ସୂଚ୍ନା ଅନ୍ସାରେ ଏତ୍କର ଆବେଦନ୍କାରୀ ଆବାସ ବାବଦ୍ ସବୁ ତଥ୍ୟ ଆବାସ ପ୍ଲସ୍ ପୋର୍ଟାଲ୍ଥି ଅପ୍ଲୋଡ୍ କରିପାର୍ବେ । ଆବାସ ଘର୍ ଆବଂଟନ୍ଥି ସ୍ୱଚ୍ଛତା ଆନ୍ବାର୍ ସଙ୍ଗେ ଯୋଗ୍ୟ ହିତାଧିକାରୀମାନ୍କର୍ ପାଖେ ଯେନ୍ତା ଯୋଜ୍ନା ପୁହଁଚିପାର୍ବା ହେଥିର୍ଲାଗି ପଂଚାୟତିରାଜ୍ ବିଭାଗ୍ ତର୍ଫୁ ଇ ନୂଆଁ ମାର୍ଗଦର୍ଶିକା ତିଆର୍ କରାଯାଇଛେ । ଆବେଦନ୍କାରୀ ଯେନ୍ତା ନିଜେ  ଆବାସ୍ ପୋର୍ଟାଲ୍ଥି ତଥ୍ୟ ଅପ୍ଲୋଡ୍ କରିପାର୍ବେ ହେଟା ଶିଖାବାର୍କେ ଆଏବା ମାସର୍ ୨ ତାରିଖ୍ନୁ ପଂଚାୟତ୍ସ୍ତର ନ କର୍ମଶାଳା କରାଯିବା ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଯକ୍ଷ୍ମା ମୁକ୍ତ ଭାରତ୍- ଟୀକାକରଣ୍          ଆର୍ଏନ୍ୟୁ/ କଟକ୍

ଦେଶ୍କେ ଆଏବା ୨୦୨୫ ମସିହାତକ୍ ଯକ୍ଷ୍ମା ମୁକ୍ତ କର୍ବାର୍କେ କେନ୍ଦ୍ର ସର୍କାର୍ ଲକ୍ଷ୍ୟ ରଖିଛନ୍ । ସେ ଅନ୍ସାରେ ପହେଲା ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍ , ଝାର୍ସୁଗୁଡ଼ା, କଲାହାଣ୍ଡି

ଆର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ଯକ୍ଷ୍ମା ପ୍ରତିଷେଧକ୍ ଟୀକାକରଣ୍ ଚାଲିଛେ । ହେଥି ୧୮ ନୁ ୬୦ ବଛର୍ ବୟସର୍ ଯେନ୍‌ମାନେ ଗଲା ୩ ବଛରେ କେହେନି ଯକ୍ଷ୍ମା ରୋଗୀଙ୍କର୍ ସଂସ୍ପର୍ଶଥି ଆସିଥିବେ ସେମାନ୍‌କର୍ ଟୀକାକରଣ୍ କରାଯାଉଛେ ।

ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ

ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବସନ୍ତ କୁମାର୍ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବାଲ୍ୟବିବାହ ନିରାକରଣ୍ ଆଇନ୍ ଉପ୍‌ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଉପସ୍ଥିତ୍ ସଭେ ବାଲ୍ୟବିବାହ ରୁକ୍‌ବାର୍ ଦିଗେ କାମ୍ କର୍‌ବାର୍‌କେ ଶପଥ୍ ନେଇଥିଲେ ।

ଡିଜିଟାଲ୍ ପେମେଂଟ୍ ସଚେତନତା ଅଭିଯାନ ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ନ ଥିବା ଷ୍ଟେଟ୍‌ବେଙ୍କ୍ ମୁଖ୍ୟ ଶାଖା ପରିସର ନ ଆଏଜ୍ ଡିଜିଟାଲ୍ ପେମେଂଟ୍ ସଚେତନତା ଅଭିଯାନ୍ ହେଇଯାଇଛେ । ହେଥି ଭାରତୀୟ ଷ୍ଟେଟ୍‌ବେଙ୍କ୍‌ର

ଆଂଚଲିକ୍ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର୍ ସ୍ୱାଇଁ ଯୋଗ୍ ଦେଇକରି ଡିଜିଟାଲ୍ ପେମେଂଟ୍ ବାବ୍‌ଦେ ଗ୍ରାହକ୍‌ମାନେ ସଚେତନ୍ ହେଲେ ଖୋବ୍‌ଟେ ଯୋଜ୍‌ନାର୍ ସୁଫଲ୍ ପାଇପାର୍‌ବେ ବଲି କହିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଶିଳ୍ପ କେନ୍ଦ୍ରର୍ ସାଧାରଣ ପ୍ରବନ୍ଧକ ସମୀର୍ ମୁଦୁଲୀ, ଷ୍ଟେଟ୍‌ବେଙ୍କ୍‌ର ବରିଷ୍ଠ ଅଧିକାରୀଙ୍କର୍ ସହେତେ ବ୍ୟବସାୟୀ ସଂଗଠନ୍‌ର କର୍ମକର୍ତାମାନେ ଯୋଗ୍ ଦେଇଥିଲେ ।

ବୌଦ୍ଧ -ଆଲୋଚନାଚକ୍ର       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର୍ ପରିସର ନ 'ରାଷ୍ଟ୍ରଜାଗରଣରେ ନାଗରିକଙ୍କ କର୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ର ହେଇଯାଇଛେ । ଡକ୍ଟର୍ ପ୍ରମୋଦ୍ କୁମାର୍ ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆଲୋଚନାଚକ୍ର ନ ଭୈରବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ୍ ଚନ୍ଦ୍ର ତାରେଣିଆ ମୁଖ୍ୟଅତିଥି ଆର୍ ଓଡ଼ିଶା ଶିକ୍ଷାବିକାଶ୍ କମିଟିର୍ ବିଦ୍ୱତ୍ ପରିଷଦ୍‌ର ପ୍ରାନ୍ତ ସଂଯୋଜକ ଅଶ୍ୱିନୀ କୁମାର୍ ନାୟକ୍ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ ।

ଜୋନ୍‌ସ୍ତରୀୟ କବାଡ଼ି, ଖୋ ଖୋ ପ୍ରତିଯୋଗିତା/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍‌ର ପଲ୍‌ସାଗୋରା ପଂଚାୟତ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ଜୋନ୍‌ସ୍ତରୀୟ କବାଡ଼ି ଆର୍ ଖୋ ଖୋ ପ୍ରତିଯୋଗିତା ହେଇଯାଇଛେ । ୫ ଟା ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟନୁ ପ୍ରତିଯୋଗୀମାନେ ହେଥି ଭାଗ୍ ନେଇଥିଲେ । ଖୋଖୋ ପ୍ରତିଯୋଗିତାଥି ଖମ୍ବେଶ୍ୱରୀ କଲେଜ୍ ଆର୍ କବାଡ଼ି ପ୍ରତିଯୋଗିତାଥି ଦାରିଙ୍ଗିବାଡ଼ି କଲେଜ୍ ଜୋନ୍ ଚମ୍ପିଆନ୍ ହେଇଥିଲେ ।

କେନ୍ଦ୍ର ସଂଚାର୍ ବ୍ୟୁରୋ          ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ ଆର୍ ଶିକ୍ଷା ଅନୁସନ୍ଧାନ୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ମିଲିତ୍ ଭାବେ ପରିବେଶ୍ ଲାଗି ଜୀବନ୍‌ଶୈଳୀ କାର୍ଯ୍ୟକ୍ରମ୍ ହେଇଯାଇଛେ । ହେଥି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର୍ ପୂର୍ବାଂଚଲ୍ ମହାନିର୍ଦ୍ଦେଶକ୍ ଟି.ଭି.କେ. ରେଡ୍ଡୀ ଆର୍ ଭୁବ୍‌ନେଶ୍ୱର୍ ପି.ଆଇ.ବି.ର ଏଡିଜି ଅଖିଳ କୁମାର୍ ମିଶ୍ର ଯୋଗ୍ ଦେଇକରି ନିଜର୍ ଜୀବନ୍‌ଶୈଳୀଥି ପରିବେଶ୍ ଅନୁକୂଲ୍ ସାମାନ୍ ବେଭାର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।